# କୁରାଢ଼ି ନାଳ ଉପରେ ବନ୍ଧ ନିର୍ମାଣକୁ ବିରୋଧ

**ରାଉରକେଲା/ଲହୁଣିପଡ଼ା, ୭।୩(ସମିସ)**



ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଉପଖଣ୍ଡ ଲହୁଣିପଡ଼ା ଏବଂ କୋଇଡ଼ା ବ୍ଲକର ମେରୁଦଣ୍ଡ କୁହାଯାଉଥିବା କୁରାଢ଼ୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଅଣଦେଖା କରି ଦମାଲୁ ସ୍ଥିତ ଦୁଆରଗୁଡ଼ା ଠାରେ କୁରାଢୀ ନାଳ ଉପରେ ବନ୍ଧନିର୍ମାଣ ଯୋଜନା ଦ୍ୱାରା ଏକ ଘରୋଇ କମ୍ପାନୀକୁ କୁରାଢି ନାଳର ପାଣି ଯୋଗାଇ ଦେବା ମସୁଧା ପ୍ରତିବାଦରେ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ

## ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୫୪ ମସିହାରେ ତତ୍କାଳୀନ ରାଜ୍ୟ ସରକାର ପ୍ରଥମ କରି କୁରାଢ଼ି ନାଳ ବିମଳାଗଡ଼ଠାରେ ବନ୍ଧ ନିର୍ମାଣ ପାଇଁ ଯୋଜନା କରିଥିଲେ। ଯାହାକି ୧୯୫୯ ମସିହାରେ ବନ୍ଧ ନିର୍ମାଣ କାର୍ଯ୍ୟଶେଷ କରାଯାଇଥାନ୍ତା। ଏହି ପ୍ରକଳ୍ପରେ ୬୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ କରାଯାଇ ଲହୁଣିପଡ଼ା ବ୍ଲକର ୩ଟି ଏବଂ କୋଇଡା ବ୍ଲକର ୨ଟି ପଞ୍ଚାୟତ ପ୍ରାୟ ୨୦ଟି ଗ୍ରାମର ଗ୍ରାମବାସୀଙ୍କ ୩୩୦୩ ହେକ୍ଟର ଚାଷ ଜମିକୁ ଖରିଫ ଏବଂ ରବି ଋତୁରେ ପାଣି ପହଞ୍ଚାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏପରିକି ୧୯୬୬ ମସିହାରେ ସୃଷ୍ଟି ହୋଇଥିବା ଗ୍ରୀନ୍ ରିଭୋଲୁସନରେ ଅଞ୍ଚଳର ଚାଷୀମାନେ ସରକାରଙ୍କୁ ସହୋଯୋଗର ହାତ ବଢ଼ାଇ ସରକାରଙ୍କୁ ସାହାଯ୍ୟ କରିଥିଲେ। ଯାହାଫଳରେ କୁରାଢି କେନାଲ ପ୍ରକଳ୍ପକୁ ବଣାଇର ମେରୁଦଣ୍ଡ ବୋଲି ମଧ୍ୟ କୁହାଯାଏ। କୁରାଢି ନାଳ ଶଶ୍ୟକଳା ପଞ୍ଚାୟତରୁ ବାହାରି ପ୍ରବାହିତ ହୋଇ ତଳକୁ ଆସିଥିବା ବେଳେ କୋଇଡା ବ୍ଲକ ସ୍ୱଇଂମ୍ବା ପଞ୍ଚାୟତ ପଟରୁ ଆସିଥିବା ସମିଜ ନାଳ ସହ ବିମଳାଗଡ଼ ତଳ ମୁଣ୍ଡରେ ମିଶି ତଳକୁ ପ୍ରବାହିତ ହୋଇ ଗୁରୁଣ୍ଡିଆ ବ୍ଲକ ବରଘାଟ ନିକଟରେ ବ୍ରାହ୍ମଣୀ ନଦୀରେ ମିଶିଛି। ହେଲେ କୁରାଢି ନାଳ ପାଣିକୁ କାଳକ୍ରମେ କମ୍ପାନୀ ମୋଟର ଲଗାଇ ପାଣିକୁ ଟାଣି ନେବା ଦ୍ୱାରା କୁରାଢି ନାଳର ସ୍ରୋତ ଅଧା କମି ଯାଇଥିବାବେଳେ ଏବେ ଓଏମସି ଅନୁବନ୍ଧିତ ଏକ ଘରୋଇ କମ୍ପାନୀ ଦମାଲୁ ସ୍ଥିତ ଦୁଆରଗୁଡି ଠାରେ ଚେକଡ୍ୟାମ ନିର୍ମାଣ କାର୍ଯ୍ୟ ଚାଲୁ ରଖି ନାଳ ପାଣିକୁ ନିଜସ୍ୱ ବ୍ୟବହାର କାର୍ଯ୍ୟ ନିୟୋଜନ ପାଇଁ ମସୁଧା କରିଛି। ଯଦି ନାଳ ପାଣିକୁ ଉପର ମୁଣ୍ଡରେ ଏପରି ବେଆଇନ ଭାବେ ଚେକଡ୍ୟାମ ନିର୍ମାଣ କରି ଘରୋଇ କମ୍ପାନୀ ମାନେ ପାଣି ଟାଣି ନେବେ ତାହେଲେ ତଳ ମୁଣ୍ଡରେ ରହିଥିବା କୁରାଢି ସର୍ବୋଚ୍ଚ କେନାଲ ପାଣି ପ୍ରକଳ୍ପ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଏହା ଆଶଙ୍କା କରି ୧୨ଟି ପାଣି ପଞ୍ଚାୟତର ଚାଷୀମାନେ ବଣାଇଁ ଉପଜିଲ୍ଲାପାଳଙ୍କୁ ଭେଟି ଘରୋଇ କମ୍ପାନୀ ଦ୍ୱାରା ନିର୍ମାଣ କରାଯାଉଥିବା ବେଆଇନ ଚେକ ଡ୍ୟାମ କାର୍ଯ୍ୟ ୩ ଦିନ ଭିତରେ ବନ୍ଦ କରାଯିବାକୁ ଦାବି କରିଥିଲେ।ନଚେତ ଆଗାମୀ ଦିନରେ ଚାଷୀ ରାଜ ରାସ୍ତା ଅବରୋଧ କରିବେ ବୋଲି ଏକ ଦାବୀପତ୍ର ମାଧ୍ୟମରେ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଅନ୍ତର୍ଜାତୀୟ ମହିଳା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ



**ରାଉରକେଲା, ୭।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆଜି ସ୍ଥାନୀୟ ଭବାନୀଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଏକ ମାସ୍ ଫିଟନେସ୍ ଏବଂ ଯୋଗ କାର୍ଯ୍ୟକ୍ରମ ତଥା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଶେଷଜ୍ଞ ଡ. ସସ୍ମିତା ପଣ୍ଡା ମହିଳାମାନଙ୍କର ପୋଷଣ ଓ ସ୍ୱାସ୍ଥ୍ୟ ସେବା ବିଷୟରେ ମୂଲ୍ୟବାନ ତଥ୍ୟ ଓ ପରାମର୍ଶ ଦେଇଥିଲେ। ଅନୁରାଧା ନାଏକ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଯୋଗଆସନ ଉପରେ ପ୍ରଶିକ୍ଷଣ ଦେଇଥିଲେ ଏବଂ ଯୋଗ ଅଭ୍ୟାସ କରେଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାର ମହିଳା ଓ ମହିଳା କ୍ରୀଡାବିତ୍, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ଼ ମହାବିଦ୍ୟାଳୟର ଛାତ୍ରୀ, ରାଜ୍ୟ କ୍ରୀଡ଼ା ହୋଷ୍ଟେଲ ଓ ସାଇ ହୋଷ୍ଟେଲରୁ ବହୁ ସଂଖ୍ୟାରେ ପ୍ରଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାସ୍ ଫିଟନେସ ଓ ଯୋଗ କାର୍ଯ୍ୟକଳାପ ସହିତ ସଚେତନତା ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କି ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଜାତୀୟ ସୁରକ୍ଷା ସପ୍ତାହ ଉପଲକ୍ଷେ ଆର୍‌ଏସ୍‌ପିରେ ସୁରକ୍ଷା କୁଇଜ୍



**ରାଉରକେଲା, ୭।୩(ସମିସ):** ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ପାଳନର ଏକ ଉତ୍ସାହୀ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଆରଏସ୍‌ପିର ଗୋପବନ୍ଧୁ ଅଡିଟୋରିୟମ୍‌ଠାରେ ଏକ ଆକର୍ଷଣୀୟ ଅନଲାଇନ୍ ସୁରକ୍ଷା କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସମେତ ୧୮୭ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍‌ଆରଏଲ୍ ଆଣ୍ଡଡି ବିଭାଗର ସିଜିଏମ୍ ପି.କେ. ସାହୁ ଏବଂ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସେମାନେ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ସୁରକ୍ଷା ଯେ କେବଳ ଏକ ଅନୁପାଳନ ତାହା ନୁହେଁ ବରଂ ଆର୍‌ଏସ୍‌ପିର ନୀତିରେ ନିହିତ ଏକ ମୂଳଲକ୍ଷ୍ୟ ବୋଲି ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ କ୍ୟୁଆର-ଭିତ୍ତିକ ଅନଲାଇନ୍ କୁଇଜ୍ ଥିଲା, ଯେଉଁଥିରେ ଅଂଶଗ୍ରହଣକାରୀଙ୍କୁ ଏକ ଗୁଗୁଲ ଫର୍ମ ମାଧ୍ୟମରେ ୩୦ ମିନିଟ୍ ମଧ୍ୟରେ ୪୦ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥିଲା। କୁଇଜ୍‌ଟି ଚିନ୍ତାଶୀଳ ଭାବରେ ବ୍ୟବସ୍ଥିତ କରାଯାଇଥିଲା ଯାହା ଦ୍ୱାରା ଅଭିନବ ଡିଜିଟାଲ୍ ସ୍କ୍ରିନିଂ ପ୍ରକ୍ରିୟା ନିରପେକ୍ଷ ମୂଲ୍ୟାଙ୍କନକୁ ସୁନିଶ୍ଚିତ କରିବା ସହ ଅନ୍ତିମ ପର୍ଯ୍ୟାୟ ପାଇଁ ୧୦ ଜଣ ଅଧିକାରୀ ଏବଂ ୧୦ କର୍ମଚାରୀଙ୍କୁ ଏକ ସଂକ୍ଷିପ୍ତ ତାଲିକା ପ୍ରଦାନ କରିପାରିଥିଲା। ସଂକ୍ଷିପ୍ତ ତାଲିକାରେ ଅଂଶଗ୍ରହଣକାରୀଙ୍କୁ ପରବର୍ତ୍ତୀ ସମୟରେ ଦୁଇ ଜଣିଆ ଦଳରେ ସଂଯୁକ୍ତ କରା ଯାଇଥିଲା, ପ୍ରତ୍ୟେକ ବର୍ଗରେ ପାଞ୍ଚଟି ଦଳ ଗଠନ କରାଯାଇଥିଲା। ଫାଇନାଲ ରାଉଣ୍ଡ ଏକ ଆକର୍ଷଣୀୟ ମୌଖିକ ପ୍ରତିଯୋଗିତା ଭାବରେ ପ୍ରକାଶିତ ହୋଇଥିଲା ଯାହା ଉତ୍ତମ ଭାବେ ଡିଜାଇନ୍ କରାଯାଇଥିବା ପାୱାର ପଏଣ୍ଟ ଉପସ୍ଥାପନ ଦ୍ୱାରା ସଜ୍ଜିତ ହୋଇଥିଲା। ସୁରକ୍ଷା ଅଭ୍ୟାସ, ବିପଦ ଚିହ୍ନଟ, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଇସ୍ପାତ କାରଖାନା-ନିର୍ଦ୍ଦିଷ୍ଟ ସୁରକ୍ଷା ପ୍ରୋଟୋକଲରୁ ପ୍ରଶ୍ନ କରାଯାଇଥିଲା। ଜାତୀୟ ସୁରକ୍ଷା ସପ୍ତାହ ପାଳନର ଅଂଶ ସ୍ୱରୂପ ଆଗାମୀ ସୁରକ୍ଷା ଦିବସ ସମାରୋହରେ ପ୍ରତ୍ୟେକ ବର୍ଗର ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକୁ ସମ୍ମାନିତ କରାଯିବ। ସୁରକ୍ଷା ବିଭାଗର ଜି ଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଏଜିଏମ୍ ବି. କେ ପାଢ଼ୀ ସଂଯୋଜନା କରିଥିଲେ।

# ଆର୍‌ଏସ୍‌ପିରେ ଗୁରୁତ୍ୱପୂର୍ଣ୍ଣ ପଦରେ ମହିଳାଙ୍କ ଭୂମିକା



**ରାଉରକେଲା, ୭।୩(ସମିସ):** ଇସ୍ପାତ ଭଳି ଶିଳ୍ପରେ ଯାହାକୁ କେବେ ପୁରୁଷଙ୍କ କ୍ଷେତ୍ରରୂପେ ବିବେଚନା କରାଯାଉଥିଲା, ଆଜି ମହିଳାମାନେ ସେଥିରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ରାଉରକେଲା ଇସ୍ପାତ କାରଖାନାର ବିଶାଳ ବିସ୍ତୃତ କ୍ଷେତ୍ରରେ ମହିଳାମାନେ କେବଳ ଅଂଶଗ୍ରହଣ କରୁନାହାଁନ୍ତି, ଅଧିକନ୍ତୁ ନେତୃତ୍ୱ ଦେଉଛନ୍ତି, ଆକାର ଦେଉଛନ୍ତି ଏବଂ ପରିଚାଳନା ମଧ୍ୟ କରୁଛନ୍ତି। ପ୍ରାୟ ୬୫୦ ଜଣ ମହିଳା କାର୍ଯ୍ୟ ପରିଚାଳନା ଏବଂ ଇଞ୍ଜିନିୟରିଂ ଠାରୁ ପ୍ରଶାସନ ଏବଂ ସହାୟତା କାର୍ଯ୍ୟ ପର୍ଯ୍ୟନ୍ତ ବିଭିନ୍ନ ଭୂମିକାରେ ଅହରହ ଯୋଗଦାନ ଦେଉଛନ୍ତି। ବାର୍ଷିକ ବ୍ୟବସାୟ ଯୋଜନାଠାରୁ ଦୀର୍ଘକାଳୀନ ରଣନୀତି ପର୍ଯ୍ୟନ୍ତ, ଉତ୍ପାଦନ ପୂର୍ବାନୁମାନଠାରୁ କର୍ପୋରେଟ୍ ଅଫିସ୍ ଡ୍ୟାସବୋର୍ଡ ପାଇଁ ଏମଆଇଏସ ଇନପୁଟ୍ ପର୍ଯ୍ୟନ୍ତ, ସେମାନଙ୍କର କାର୍ଯ୍ୟ ଉଚିତ ନିଷ୍ପତ୍ତି ଗ୍ରହଣର ମେରୁଦଣ୍ଡ। ମୁଖ୍ୟ ମହାପ୍ରବନ୍ଧକ ସୁନିତା ସିଂହ ନେତୃତ୍ୱ ନେଉଛନ୍ତି, ଯାହାଙ୍କ ଦୃଷ୍ଟିକୋଣ ଏବଂ ମାର୍ଗଦର୍ଶନ ଦଳକୁ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଦିଏ। ନମିତା ସେନାପତି, ଏଜିଏମ୍, ମିତ୍ରବିନ୍ଦା ପୃଷ୍ଟି, ସିନିୟର ମ୍ୟାନେଜର ଏବଂ ଜେମାମଣି ଟପ୍ପୋ, ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ନେଇ ଗଠିତ ମୂଳ ଗୋଷ୍ଠୀ ଯୋଜନା, ବିଶ୍ଳେଷଣ ଏବଂ ତଦାରଖ ପରିଚାଳନା କରୁଛନ୍ତି। ସେମାନଙ୍କୁ କାଞ୍ଚନ ପ୍ରଭା ରାଉତ, ଅର୍ଚ୍ଚନା ସେଠି, ସଚିନ ସରିତା ଏକ୍କା, ମୀନାକ୍ଷୀ ଶେଖର ଦେଓ, କବିତା ନାୟକ ଏବଂ ଲକ୍ଷ୍ମୀ ବଡାଇକଙ୍କ ଏକ ବୃହତ ଦଳ ସମର୍ଥନ କରୁଛି, ଯେଉଁମାନେ ସୂକ୍ଷ୍ମ ତଥ୍ୟ ପରିଚାଳନା ଏବଂ ଭୂମିସ୍ତରୀୟ ଇନପୁଟ୍ ସୁନିଶ୍ଚିତ କରୁଛନ୍ତି। ଅର୍ଚ୍ଚନା କଞ୍ଚାମାଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ, ବ୍ଲାଷ୍ଟ ଫର୍ଣ୍ଣେସେସ୍, ସିଣ୍ଟର ପ୍ଲାଣ୍ଟ ଏବଂ ଷ୍ଟିଲ୍ ମେଲ୍ଟିଂ ସପ ସମେତ ଲୁହା ଏବଂ ଇସ୍ପାତ ଜୋନ୍ ଉପରେ ଧ୍ୟାନ ଦିଅନ୍ତି। ଶ୍ରୀମତୀ ଅର୍ଚ୍ଚନା କୁହନ୍ତି, ‘ମୁଁ ୨୦୨୧ ମସିହାରେ ପିପିସି ବିଭାଗରେ ଯୋଗ ଠାରୁ ମୋର ଭୂମିକା ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ସିଣ୍ଟର ପ୍ଲାଣ୍ଟର ତଥ୍ୟ ରଖିବା। ମୁଁ ଏପରି ଏକ ଦଳର ଅଂଶ ହୋଇ ଗର୍ବିତ ଅନୁଭବ କରୁଛି ଯାହା ପ୍ଲାଣ୍ଟର ଏପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣରେ ଯୋଗଦାନ ଦିଏ। କାଞ୍ଚନଙ୍କ ଉପରେ ମିଲ୍ସ ଜୋନର ପରିସଂଖ୍ୟାନ ରେକର୍ଡ ରଖିବାର ଦାୟିତ୍ୱ ଅଛି, ଯେଉଁଥିରେ ହଟ୍ ଷ୍ଟ୍ରିପ୍ ମିଲ୍, ପ୍ଲେଟ୍ ମିଲ୍, ନୂତନ ପ୍ଲେଟ୍ ମିଲ୍, ପାଇପ୍ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ରୋଲିଂ ୟୁନିଟ୍ ଅନ୍ତର୍ଭୁକ୍ତ। ଉକ୍ତ ଦଳ କୋଇଲାରୁ ଉତ୍ତପ୍ତ ଧାତୁ ଅନୁପାତ ଭଳି ପ୍ରମୁଖ ଟେକ୍ନୋଲୋଜି-ଅର୍ଥନୈତିକ ପାରାମିଟରଗୁଡ଼ିକୁ ମଧ୍ୟ ନିରୀକ୍ଷଣ କରେ, ଯାହା ପ୍ଲାଣ୍ଟକୁ କାର୍ଯ୍ୟଦକ୍ଷତା ଅନୁକୂଳ କରିବାରେ ସାହାଯ୍ୟ କରେ। ଦଳର ଅନ୍ୟ ସଦସ୍ୟ ସରିତା, ମିନାକ୍ଷୀ ଏବଂ କବିତା ଆନୁଷ୍ଠାନିକ ବୈଷୟିକ ତାଲିମ ବିନା ସେମାନଙ୍କର ଯାତ୍ରା ଆରମ୍ଭ କରିଥିଲେ। ମୀନାକ୍ଷୀ, ଯିଏ ସ୍ନାତକ ପରେ ୨୦୧୨ରେ ବିଭାଗରେ ଯୋଗ ଦେଇଥିଲେ। ସେ କହିଥିଲେ ‘ମୁଁ ଯୋଗ ଦେବା ସମୟରେ ଏହି କାମ ବିଷୟରେ କୌଣସି ଧାରଣା ନଥିଲା, କିନ୍ତୁ ମୁଁ ପର୍ଯ୍ୟାୟକ୍ରମେ ଶିଖିଲି’।

## ବିଶ୍ରା ବ୍ଲକ୍‌ରେ ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୭।୩(ସମିସ):** ଟିପିଡବ୍ଲୁଡିଏ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ବିଶ୍ରା ବ୍ଲକ ଅଫିସ ଠାରେ ଶ୍ରୁତ୍ରା ପକ୍ଷରୁ ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ଲାକ୍ରାଙ୍କ ଅଧ୍ୟକ୍ଷତାରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ନ୍ୟାସୀ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୁତ୍ରା ପକ୍ଷରୁ ବ୍ଲକସ୍ତରରେ ଚାଲୁଥିବା ଏହି ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ ଏଥିରେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପାନପୋଷ ଉପଖଣ୍ଡର ସାମାଜିକ ସୁରକ୍ଷା ଅଧିକାରୀ ମିନୁ ଡାଙ୍ଗିଆ ସରକାରୀ ଯୋଜନା ଅନ୍ତର୍ଗତ ସବୁ ସୁବିଧା ସୁଯୋଗ ବାବଦରେ ଆଲୋକପାତ କରିଥିଲେ। ଅଧିକନ୍ତୁ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମେଡିକାଲ ଅଫିସର ଡାକ୍ତର ରଶ୍ମୀତା ସାମଲ ସମସ୍ୟା ଥିବା ନବଜାତ ଶିଶୁଙ୍କର ବିଭିନ୍ନ ସମସ୍ୟା ଏବଂ ତାର କାରଣ ଓ ନିରାକରଣ ତଥା କରେକ୍ଟିଭ୍ ସର୍ଜରୀ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶ୍ରୁତ୍ରାର ସମ୍ପାଦକ ତଥା ସିଏମଆଇଡିର ନିର୍ଦ୍ଦେଶକ କାର୍ତ୍ତିକଚନ୍ଦ୍ର ପାଣ୍ଡେ ଟିପିଡବ୍ଲୁଡିଏ ଓ ଶ୍ରୁତ୍ରା ଦ୍ୱାରା ପରିଚାଳିତ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରୋଜେକ୍ଟ ଅଫିସର ମିନୁଲତା ମହାରଣା ସିଂ ବି.ଆର୍‌ର ଡାଟା ଓ କାର୍ଯ୍ୟକ୍ରମ ଉପରେ ପିପିଟି ମାଧ୍ୟମରେ ପରିଦର୍ଶିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମିତି ଅଧ୍ୟକ୍ଷା ଫୁଲମଣୀ କେରକେଟା, ଆଇସିଡିଏସର ସିଡିପିଓ ଏମ୍‌ରେନ୍ ସିୟା କୁଲୁ, ବିଏସ ଓ ଶୁଭଲକ୍ଷ୍ମୀ ଦାଶଙ୍କ ବ୍ୟତୀତ ଝିରପାଣି, ବନ୍ଧମୁଣ୍ଡା, ବିଶ୍ରା, ଭାଲୁଲତା, ତୁଳସୀକାନୀ, କାପଟମୁଣ୍ଡା, ଉଡୁସୁ, ବଡ଼ ବାମ୍ବୁଆର ସରପଞ୍ଚ, ମିଶନ ଶକ୍ତି, ଅଙ୍ଗନବାଡି, ସିଆରପି, ବ୍ଲକ ଶିକ୍ଷାଧିକାରୀ ଏବଂ ଡିଇଓଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ।

## ମଦ ବିକ୍ରି ବନ୍ଦ କରିବାକୁ ମହିଳା ଥାନାର ଦ୍ୱାରସ୍ଥ

**ବଣାଇଁ, ୭।୩(ସମିସ):** ବଣାଇଁ ଥାନା ଅଧୀନ ନରେନ୍ଦ୍ର ପଞ୍ଚାୟତର ବିଶିପାଲି ଗ୍ରାମରେ ଅବାଧ ମଦ ବିକ୍ରି ବନ୍ଦ କରିବାକୁ ଅଣ୍ଟା ଭିଡ଼ିଲେ ମହିଳା। ଗ୍ରାମର କେତେକ ବ୍ୟକ୍ତି ବେଆଇନ ମଦ ବିକ୍ରି କରୁଥିବା ବେଳେ ମଦପିଇ ସ୍ଥାନୀୟ ଯୁବକମାନେ ମାତାଲ୍ ହୋଇ ଅନେକ ପରିବାରରେ ପ୍ରତ୍ୟେକ ଦିନ ଝଗଡ଼ା ସୃଷ୍ଟି ହେଉଛି। ତାହା ସହ ମଦ ଯୋଗୁଁ ଦିନକୁ ଦିନ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ମହିଳା। ଗତକାଲି ସନ୍ଧ୍ୟାରେ ମଧ୍ୟ ଏହି ଗ୍ରାମର ଏକ ବସ୍ ଚାଳକ ମଦ୍ୟପାନ କରି ବସ୍ ନେଇ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଦିନକୁ ଦିନ ଏସବୁ ଘଟଣା ବୃଦ୍ଧି ପାଉଥିବାରୁ ଗ୍ରାମରେ ଉଦବେଗ ପ୍ରକାଶ କରି ଆଜି ଅପରାହ୍ନରେ ଏକ ଗ୍ରାମସଭା ବୈଠକ କରି ମଦ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ୍ କରିବାକୁ ନିଷ୍ପତ୍ତି ନେବାସହ ବଣାଇ ଆସି ମଦବିକ୍ରି ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## ମିଳୁନି ଯୁବତୀଙ୍କ ପରିଚୟ

**ରାଉରକେଲା, ୭।୩(ସମିସ):** ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ ବେଦବ୍ୟାସ ସ- ମିଲ୍ ନିକଟ ବଣରୁ ଜଣେ ଅଜଣା ଯୁବତୀଙ୍କ ଶବ ଉଦ୍ଧାର ଘଟଣାକୁ ଗୋଟିଏ ଦିନ ବିତି ଯାଇଛି। ହେଲେ ତାଙ୍କର ପରିଚୟ ମିଳିପାରି ନାହିଁ। ଏହାଛଡା ଘଟଣା ପଛର ରହସ୍ୟ ମଧ୍ୟ ପୁଲିସକୁ ଜଣାପଡ଼ି ନାହିଁ। ତେବେ ଘଟଣାକୁ ନେଇ ଅନେକ ଚର୍ଚ୍ଚା ଜାରି ରହିଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ୨୦ରୁ ୨୪ ବର୍ଷିୟା ଯୁବତୀଙ୍କ ଶବ ପଡ଼ିଥିବା ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା ପରେ ଲୋକଙ୍କ ଭିଡ଼ ଜମିଥିଲା। ହେଲେ କେହି ଯୁବତୀଙ୍କୁ ଚିହ୍ନଟ କରି ପାରି ନ ଥିଲେ। ଯୁବତୀଙ୍କ ପରିଚୟ ଜଣାପଡ଼ିଲା ପରେ ଘଟଣାର ସତ୍ୟତା ଲୋକଲୋଚନକୁ ଆସିବ ବୋଲି ଜଣାପଡ଼ିଛି।

## ଜାତୀୟ ସିନିଅର କରାଟେ ଚାମ୍ପିଅନ୍‌ସିପ୍‌ରେ ରାଜୀବ ସିଂ ବିଚାରକ

**ରାଉରକେଲା, ୭।୩(ସମିସ):** କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ପକ୍ଷରୁ ଆୟୋଜିତ ୫ମ ଜାତୀୟ ସିନିଅର ଓ ୨୧ବର୍ଷରୁ କମ୍ ବୟସ ବର୍ଗର ଜାତୀୟ କରାଟେ




ଚାମ୍ପିୟନସିପ ଚଳିତ ମାସ ୧ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। କିଓର ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ନୂଆଦିଲ୍ଲୀ ସ୍ଥିତ ତାଲକଟୋରା ଇନଡୋର ଷ୍ଟାଡିଅମଠାରେ ୪ ଦିନ ଧରି ଏହି ଚାମ୍ପିୟନସିପ ଆୟୋଜିତ ହୋଇଥିଲା। ରାଜ୍ୟର ଏକମାତ୍ର ବିଶ୍ୱ କରାଟେ ଫେଡେରେସନ (ଡବ୍ଲୁ.କେ.ଏଫ) ଜଜ୍ ତଥା କିଓ ରେଫରୀ କମିଶନ ସଦସ୍ୟ ରାଜୀବ କୁମାର ସିଂ ଏହି ଚାମ୍ପିୟନସିପରେ ଅଂଶଗ୍ରହଣ କରି କାଟା, ପାରା-କାଟା ଓ କୁମିତେ ପ୍ରତିଯୋଗିତାରେ ସଫଳତାର ସହ ଜଜ୍ ଓ ରେଫରୀ ଦାୟିତ୍ୱ ତୁଲାଇ ହାଂଶୀ ଭାରତ ଶର୍ମାଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ରାଜୀବ ଓଡ଼ିଶା ରାଜ୍ୟ କରାଟେ ସଂଘ (ଓସ୍କା)ର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପଶୁମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ସମ୍ବେଦନଶୀଳ ହେବାକୁ ଦାବି

**ବଣାଇଁ, ୭ ।୩(ସମିସ):** ବଣାଇଁ ମୁଖ୍ୟ ରାସ୍ତା ଉପରେ ଅଧିକାଂଶ ସମୟରେ ଗାଈ ବାଛୁରୀ ନିଜର ଆସ୍ଥାନ ଜମେଇ ରହୁଛନ୍ତି। ଯାହା ଫଳରେ ଅନେକ ସମୟରେ ଦୁର୍ଘଟଣାରେ କେତେ ବେଳେ ଗାଈ, ବାଛୁରୀ ତ ଆଉ କେତେବେଳେ ବାଇକ୍ ଆରୋହୀ ଆହତ ହେଉଛନ୍ତି। ହେଲେ ଏଥିପ୍ରତି କେହି ହେଲେ ଧ୍ୟାନ ଦେଉନାହାନ୍ତି। ପଶୁ ପାଳନ କରିଥିବା ମାଲିକ ମଧ୍ୟ କ୍ଷୀର ନେବାପରେ ରାସ୍ତା ଉପରେ ଗାଈ ବାଛୁରୀ ଛାଡ଼ି ଦେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ନିଆଯାଉ ନଥିବା ରୁ ଏମାନଙ୍କ ପ୍ରତି ସମସ୍ତେ ଅବହେଳା କରୁଥିବା ଦେଖିବାକୁ ମିଳୁଛି। ଆଜି ସନ୍ଧ୍ୟାରେ ଖୋଦ୍ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଗାଈ ସହ ଏକ ଛୋଟ ବାଛୁରୀ ଛିଡ଼ା ହୋଇ ରହିଥିଲେ। ହେଲେ ଏକ ବେପରୁଆ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ଛୋଟ ବାଛୁରୀ କୁ ଧକ୍କା ଦେଇ ନିଜେ ବାଇକ୍ ସହ ରାସ୍ତା ଉପରେ ଛିଟିକି



ପଡ଼ିବାରୁ ଆହତ ମଧ୍ୟ ହୋଇଥିଲେ। ହେଲେ ବାଇକ୍ ଧକ୍କାରେ ବାଛୁରୀ ପେଟରେ ଗଭୀର କ୍ଷତ ହୋଇଥିଲେ ମଧ୍ୟ ସେଥିପ୍ରତି କେହି ହେଲେ ସମ୍ବେଦନଶୀଳ ହୋଇ ନଥିଲେ। ତେଣୁ ବଣାଇଁ ସହରର ମୁଖ୍ୟ ରାସ୍ତା ଉପରେ ବାରମ୍ବାର ଏସବୁ ଘଟଣା ହେଉଥିଲେ ମଧ୍ୟ ଗାଈ ମାଲିକ କିମ୍ବା ସ୍ଥାନୀୟ ପ୍ରଶାସନ ନୀରବତା ଅବଲମ୍ବନ କରୁଛନ୍ତି। ତେଣୁ ଆଗାମୀ ଦିନରେ ପଶୁ ମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ସମ୍ବେଦନଶୀଳ ହେବାକୁ ବୁଦ୍ଧିଜୀବିମାନେ ଆଶା ରଖିଛନ୍ତି।

## ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଉରକେଲା ଓ ସମ୍ବଲପୁର ବିଜୟୀ

**ରାଉରକେଲା, ୭।୩(ସମିସ)**



ପୂର୍ବତନ କ୍ରିକେଟ ଆସୋସିଏସନ୍ ପକ୍ଷରୁ ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ ଠାରେ ଦୁଇ ଦିବସୀୟ ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୪ଟି ଜିଲ୍ଲାର ମହିଳା କ୍ରିକେଟ ଦଳ ତଥା ରାଉରକେଲା, ବଲାଙ୍ଗିର, ବାଲେଶ୍ୱର ଓ ସମ୍ବଲପୁର ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ରାଉରକେଲା ଓ ବଲାଙ୍ଗିର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ବଲାଙ୍ଗିର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବଲାଙ୍ଗିର ପ୍ରଥମେ ବ୍ୟାଟିଂ କରି ୧୨୩ ରନ୍ କରିଥିବା ବେଳେ ରାଉରକେଲା ଉତ୍ତମ ଖେଳ ପ୍ରଦର୍ଶନ କରି ବିଜୟ ହାସଲ କରିଥିଲା। ରାଉରକେଲା ୩ ୱିକେଟରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ଓ ବାଲେଶ୍ୱର ମଧ୍ୟରେ ହୋଇଥିବା ବେଳେ ସମ୍ବଲପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୨ ୱିକେଟ ବିନିମୟରେ ୧୬୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବାଲେଶ୍ୱର ମାତ୍ର ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୩ ରନ୍ ସଂଗ୍ରହ କରିଥିଲା। ସମ୍ବଲପୁର ଦଳ ୭୧ ରନର ବୃହତ ବିଜୟ ହାସଲ କରିଛି। ସୀତା ସିଙ୍କୁ ୩୦ ବଲରୁ ୩୧ ରନ୍ ସହ ମାତ୍ର ୨.୩ ଓଭର ବୋଲିଂ କରି ୫ଟି ମୂଲ୍ୟବାନ ୱିକେଟ୍ ନେଇ ଓ ମ୍ୟାନ୍ ଅଫ୍ ମ୍ୟାଚ୍ ବିବେଚିତ ହୋଇଥିଲେ। ସମ୍ବଲପୁର ଦଳର ରଶ୍ମୀ ଗୁଡ଼ିଆଙ୍କ ୬୩ ବଲରେ ଧୂଆଁଧାର ୯୧ ରନ୍ ସ୍କୋର କରି ବେଷ୍ଟ ବ୍ୟାଟ୍ସମ୍ୟାନ୍ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଉରକେଲାର ପ୍ରତିଷ୍ଠିତ ମହିଳା ଶିଳ୍ପପତି ନିହାରିକା ବସ୍ତିଆ, କମଲ ଅଗ୍ରୱାଲ ଓ ତାଙ୍କ ପତ୍ନୀ, ବିଲଡର ବିଷ୍ଣୁପ୍ରିୟା ସ୍ୱାଇଁ, ରୋଟାରିଆନ୍ ପ୍ରଦୀପ ପଟ୍ଟନାୟକ ଓ ଭାରତୀୟ ଫୁଟବଲ୍ ଦଳର ପୂର୍ବତନ ଗୋଲ୍ କିପର ଭାରତୀ କୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଆୟୋଜକ ତଥା ଓଡ଼ିଶା ମହିଳା ଟିମର ଚୟନକର୍ତ୍ତା ସସ୍ମିତା ପଟ୍ଟନାୟକ ଓ ସୁଜାତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

